# India-EU: Joint Press Release on Launching the Trade and Technology Council

April 25, 2022

## ଭାରତ-ୟୁରୋପୀୟ ସଂଘ: ବାଣିଜ୍ୟ ଓ ପ୍ରଯୁକ୍ତିବିଦ୍ୟା ପରିଷଦ ଗଠନ କରିବା ଉପରେ ମିଳିତ ପ୍ରେସ ବିଜ୍ଞପ୍ତି

**ଏପ୍ରିଲ 25, 2022**

ଭାରତର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଏବଂ ୟୁରୋପୀୟ କମିସନ ଅଧ୍ୟକ୍ଷ ଶ୍ରୀମତୀ ଉର୍ସୁଲା ଭନ୍ ଡର୍ ଲିଏନ 25 ଏପ୍ରିଲ, ସୋମବାର ଦିନ ନୂଆଦିଲ୍ଲୀରେ ଅନୁଷ୍ଠିତ ବୈଠକରେ ଭାରତ-ୟୁରୋପୀୟ ସଂଘ ବାଣିଜ୍ୟ ଓ ପ୍ରଯୁକ୍ତିବିଦ୍ୟା ପରିଷଦ ଗଠନ କରିବାକୁ ରାଜି ହୋଇଛନ୍ତି। ଏହି ରଣନୀତିକ ସମନ୍ୱୟ ପ୍ରଣାଳୀ ଉଭୟ ଭାଗିଦାରଙ୍କୁ ବାଣିଜ୍ୟ, ବିଶ୍ୱାସନୀୟ ପ୍ରଯୁକ୍ତିବିଦ୍ୟା ଏବଂ ସୁରକ୍ଷା ସମ୍ବନ୍ଧିତ ସମସ୍ୟାର ମୁକାବିଲା କରିବା ପାଇଁ ସୁଯୋଗ ପ୍ରଦାନ କରିବ ତଥା ୟୁରୋପୀୟ ସଂଘ ଏବଂ ଭାରତ ମଧ୍ୟରେ ଏହି କ୍ଷେତ୍ରଗୁଡିକରେ ସହଯୋଗକୁ ମଜବୁତ କରିବ।

ଉଭୟ ପକ୍ଷ ସହମତ ହୋଇଥିଲେ ଯେ ଭୌଗୋଳିକ ତଥା ରାଜନୈତିକ ପରିବେଶରେ ଦ୍ରୁତ ପରିବର୍ତ୍ତନ ମିଳିତ ଗଭୀର ରଣନୀତିକ ଯୋଗଦାନର ଆବଶ୍ୟକତାକୁ ଦର୍ଶାଏ। ବାଣିଜ୍ୟ ଓ ପ୍ରଯୁକ୍ତିବିଦ୍ୟା ପରିଷଦ ରାଜନୈତିକ ନିଷ୍ପତ୍ତିଗୁଡିକୁ କାର୍ଯ୍ୟକାରୀ କରିବା, ବୈଷୟିକ କାର୍ଯ୍ୟରେ ସମନ୍ୱୟ ରକ୍ଷା କରିବା ଏବଂ ଭାରତୀୟ ଓ ୟୁରୋପୀୟ ଅର୍ଥନୀତିର ନିରନ୍ତର ପ୍ରଗତି ପାଇଁ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ କାର୍ଯ୍ୟାନ୍ୱୟନକୁ ସୁନିଶ୍ଚିତ କରିବା ପାଇଁ ରାଜନୈତିକ ସ୍ତରକୁ ରିପୋର୍ଟ କରିବା ପାଇଁ ଆବଶ୍ୟକ ଢାଞ୍ଚା ପ୍ରଦାନ କରିବ।

ଚଳିତ ବର୍ଷ ଉଭୟ ପକ୍ଷ ମଧ୍ୟରେ କୂଟନୈତିକ ସମ୍ପର୍କ ସ୍ଥାପନାର 60 ତମ ବାର୍ଷିକୀ ପାଳିତ ହେଉଥିବାବେଳେ ଉଭୟ ପକ୍ଷ ମଧ୍ୟ ବିଶ୍ୱାସ କରନ୍ତି ଯେ ଭାରତ ଏବଂ ୟୁରୋପୀୟ ସଂଘର ସହଭାଗୀ ମୂଲ୍ୟବୋଧ ତଥା ଆଗ୍ରହ ପାରସ୍ପରିକ ସ୍ୱାର୍ଥକୁ ସୁଦୃଢ କରିବା ତଥା ରଣନୀତିକ ସହଯୋଗକୁ ଗଭୀର କରିବା ପାଇଁ ଏକ ଦୃଢ ଆଧାର ପ୍ରଦାନ କରେ। ଭାରତ ଏବଂ ୟୁରୋପୀୟ ସଂଘ ମଧ୍ୟରେ ଦଶନ୍ଧି ଦଶନ୍ଧିର ଘନିଷ୍ଠ ସହଭାଗୀତା ରହିଛି ଏବଂ ସାମ୍ପ୍ରତିକ ଆହ୍ୱାନର ମୁକାବିଲା ତଥା ଭୌଗୋଳିକ ପରିସ୍ଥିତିର ସମାଧାନ ପାଇଁ ମିଳିତ ପ୍ରୟାସ ବୃଦ୍ଧି କରିବାକୁ ସେମାନେ ସ୍ଥିର କରିଛନ୍ତି। ବାଣିଜ୍ୟ ଓ ପ୍ରଯୁକ୍ତିବିଦ୍ୟା ପରିଷଦ ଗଠନ କରିବାର ନିଷ୍ପତ୍ତି ଭାରତ ପାଇଁ ଏହାର କୌଣସି ଭାଗିଦାର ସହିତ ପ୍ରଥମ ଏବଂ ୟୁରୋପୀୟ ସଂଘ ପାଇଁ ଦ୍ୱିତୀୟ ଅଟେ। ଏହା ପୂର୍ବରୁ ୟୁରୋପୀୟ ସଂଘ ଆମେରିକା ସହିତ ବାଣିଜ୍ୟ ଓ ପ୍ରଯୁକ୍ତିବିଦ୍ୟା ପରିଷଦ ଗଠନ କରିଛି। ଭାରତ-ୟୁରୋପୀୟ ସଂଘ ବାଣିଜ୍ୟ ଓ ପ୍ରଯୁକ୍ତିବିଦ୍ୟା ପରିଷଦ ଗଠନ ଭାରତ ଏବଂ ୟୁରୋପୀୟ ସଂଘର ସମସ୍ତ ଲୋକଙ୍କ ହିତ ପାଇଁ ଏକ ମଜବୁତ ରଣନୀତିକ ଭାଗିଦାରୀ ଦିଗରେ ଏକ ପ୍ରମୁଖ ପଦକ୍ଷେପ ଅଟେ।

**ନୂଆଦିଲ୍ଲୀ**

**ଏପ୍ରିଲ 25, 2022**

DISCLAIMER: This is an approximate translation. The original is available in English on MEA’s website and may be referred to as the official press release.